ଏସ୍. ଏଚ୍.  ବକ୍ସିଶ ସିଂହ (ମୃତ)ଙ୍କ ଆଇନଗତ ଉତ୍ତରାଧିକାରୀଙ୍କ ଦ୍ୱାରା

ବନାମ

ଅର୍ଜନ ସିଂହ ଏବଂ ଅନ୍ୟମାନେ

ମାର୍ଚ୍ଚ 12,1996

[କେ. ରାମସ୍ୱାମୀ ଏବଂ କେ. ଭେଙ୍କଟସ୍ୱାମୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦେୱାନୀ କାର୍ଯ୍ୟବିଧି ସଂହିତା, 1908: ଆଦେଶ 22 ନିୟମ 4 ।*

*ଅପିଲ - ସମାପ୍ତି - ଭାଗିଦାରୀ - ଭାଗିଦାରୀର ପରିବେଷଣ ଏବଂ ହିସାବ ପ୍ରଦାନ ପାଇଁ ଜଣେ ଅଂଶୀଦାରଙ୍କ ଦ୍ୱାରା ଦାୟର ହୋଇଥିବା ମକଦ୍ଦମା - ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ଖାରଜ - ପ୍ରଥମ ଅପିଲେଟ ନ୍ୟାୟାଳୟଙ୍କ ଦ୍ୱାରା ବରଖାସ୍ତକୁ ସମର୍ଥନ - ଦ୍ୱିତୀୟ ଅପିଲ - ଦ୍ୱିତୀୟ ଅପିଲ ବିଚାରଧୀନତା ସମୟରେ ଦୁଇ ଅଂଶୀଦାରଙ୍କ ମୃତ୍ୟୁ - ମୃତ ଅଂଶୀଦାରଙ୍କ ଆଇନସିଦ୍ଧ ଉତ୍ତରାଧିକାରୀମାନଙ୍କୁ ନଥିରେ ଅଣାଯାଇନାହିଁ - ଉଚ୍ଚ ନ୍ୟାୟାଳୟ  ଦ୍ୱିତୀୟ ଅପିଲକୁ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ ପରବର୍ତ୍ତୀ ସମୟରେ ଅଂଶୀଦାରଙ୍କ ସ୍ୱାର୍ଥ କ୍ରୟ କରିଥିବା ବ୍ୟକ୍ତିଙ୍କ ସମେତ ସମସ୍ତ ଉତ୍ତରଦାତାଙ୍କ ବିରୋଧରେ ହ୍ରାସ କରାଯାଇଛି - ଅପିଲ - ଯେତେବେଳେ ଡିକ୍ରି ଏକକ ଏବଂ ଅବିଭାଜ୍ୟ ହୋଇଥାଏ, ସେତେବେଳେ ମୃତ ଉତ୍ତରଦାତା ଏବଂ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜୀବିତ ଉତ୍ତରଦାତାଙ୍କ ବିରୋଧରେ ଅସଙ୍ଗତ ଡିକ୍ରି ହୋଇପାରିବ ନାହିଁ - ଯେହେତୁ ଦୁଇ ଜଣ ଉତ୍ତରଦାତା- ଅଂଶୀଦାର ଦ୍ୱିତୀୟ ମକଦ୍ଦମା ବିଚାରାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି, ମୃତ ବ୍ୟକ୍ତିଙ୍କ ବିରୋଧରେ କୌଣସି ଅସଙ୍ଗତ ଡିକ୍ରି ହୋଇପାରିବ ନାହିଁ ଏବଂ ଯାହାଙ୍କ ବିରୋଧରେ ମକଦ୍ଦମା ଖାରଜ କରିବା ଡିକ୍ରି ଚୂଡ଼ାନ୍ତ ହୋଇଯାଇଥିଲା ଏବଂ ଅନ୍ୟ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଉତ୍ତରଦାତା ଯାହାଙ୍କ ଅଧିକାର ଦ୍ୱିତୀୟ ଅପିଲରେ ବିଚାର କରାଯିବ - ଉଚ୍ଚ ନ୍ୟାୟାଳୟ  ଆଇନର କୌଣସି ତ୍ରୁଟି କରିନାହାନ୍ତି - ସମସ୍ତ ଉତ୍ତରଦାତାଙ୍କ ବିରୋଧରେ ହୋଇଥିବା ଅପିଲକୁ ମଧ୍ୟ ସମାପ୍ତ କରାଯାଇଛି ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 1032A/1979 ।

R.S.A. ସଂଖ୍ୟା 477/1968 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟ ର 12.9.78 ର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଶ୍ରୀମତୀ ମନଜିତ ଚାୱଲା ଏବଂ (ଭି. କେ. ବର୍ମା), (NP) ।

ଉତ୍ତରଦାତାମାନଙ୍କ ପାଇଁ ପ୍ରେମ ମାଲହୋତ୍ରା ଏବଂ ପୀୟୁଷ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ବିଦ୍ୱାନ ଏକକ ବିଚାରପତିଙ୍କ ଦ୍ୱାରା 1978 ମସିହା ସେପ୍ଟେମ୍ବର 12 ରେ ଦ୍ୱିତୀୟ ଅପିଲ ସଂଖ୍ୟା 477/68 ରେ ଦିଆଯାଇଥିବା ଆଦେଶରୁ ଉତ୍ପନ୍ନ ହୋଇଛି ।

ସ୍ୱୀକାର କରାଯାଇଥିବା ତଥ୍ୟ ହେଉଛି ଯେ ମାଥ୍ରା ସିଂ, ବାଦୀ ସଂଖ୍ୟା 1 ଏବଂ ପ୍ରତିବାଦୀ ସଂଖ୍ୟା 1 ରୁ 13 ଗୁରୁଦାସପୁରରେ ଆଧୁନିକ ବରଫ କାରଖାନା ଭାବରେ ଜଣାଶୁଣା କାରଖାନାର ଅଂଶୀଦାର ଥିଲେ । ଭାଗିଦାରୀର ପରିବେଷଣ ଏବଂ ହିସାବ ପ୍ରଦାନ ପାଇଁ ଏକ ମକଦ୍ଦମା ଦାୟର କରାଯାଇଥିଲା । ବିଚାରକାଳୀନ ଅଦାଲତ ଏହି ମକଦ୍ଦମାକୁ ଖାରଜ କରିଦେଇଛନ୍ତି ।ଅପିଲ ମଧ୍ୟ ଖାରଜ ହୋଇଥିଲା । ଦ୍ୱିତୀୟ ଅପିଲ ବିଚାରାଧୀନ ଥିବାବେଳେ, ଦୁଇ ଅଂଶୀଦାରଙ୍କ ମୃତ୍ୟୁ ବିବାଦରେ ନାହିଁ । ସେମାନଙ୍କ ଆଇନସିଦ୍ଧ ପ୍ରତିନିଧିମାନଙ୍କୁ ନଥିରେ ଅଣାଯାଇ ନଥିଲା । ଫଳସ୍ୱରୂପ ଉଚ୍ଚ ନ୍ୟାୟାଳୟ ଦ୍ୱିତୀୟ ଅପିଲକୁ ସମସ୍ତ ଉତ୍ତରଦାତାଙ୍କ ବିରୋଧରେ ସ୍ଥଗିତ ରଖି ଖାରଜ କରିଦେଇଥିଲେ । ତେଣୁ ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ।

ଅଭିଲେଖର ବିବରଣୀରେ ଦର୍ଶାଯାଇଛି ଯେ ଏହି ଅପିଲ ବିଚାରାଧୀନ ଥିବା ଉତ୍ତରଦାତା 8 ଏବଂ 14 (i) ମଧ୍ୟ ମୃତ୍ୟୁବରଣ କରିଛନ୍ତି ଏବଂ ଆଇନସିଦ୍ଧ ପ୍ରତିନିଧିମାନଙ୍କୁ ନଥିରେ ଆଣିବା ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଅପିଲକାରୀଙ୍କ ପାଇଁ ବିଜ୍ଞ ଓକିଲ ଶ୍ରୀମତୀ ମନଜିତ ଚାୱଲାଙ୍କ ଦ୍ୱାରା ଯୁକ୍ତି କରାଯାଇଛି ଯେ, ମୂଳ ଅଂଶୀଦାରମାନେ ହେଉଛନ୍ତି ଉତ୍ତରଦାତା ସଂଖ୍ୟା 2,14 ଏବଂ 15 । ସେମାନଙ୍କ ବିରୁଦ୍ଧରେ, ଅପିଲକୁ ହ୍ରାସ କରାଯାଇ ନାହିଁ ଏବଂ ଉଚ୍ଚ ନ୍ୟାୟାଳୟ ଏହାର ଉପସଂହାରରେ ଭୁଲ ଥିଲେ ଯେ ଅନ୍ୟ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଅପିଲକୁ ହ୍ରାସ କରାଯାଇଛି ଯେଉଁମାନେ ପରବର୍ତ୍ତୀ ସମୟରେ ସେମାନଙ୍କର ଅଂଶୀଦାରଙ୍କ ସ୍ୱାର୍ଥ କ୍ରୟ କରିଛନ୍ତି । ଏହା ଦେଖିବାକୁ ମିଳିଛି ଯେ ଚତୁର୍ଦ୍ଦଶ ଉତ୍ତରଦାତାଙ୍କ ଅପିଲ ବିଚାରାଧୀନ ଥିବାବେଳେ, ମୂଳ ଅଂଶୀଦାର ମଧ୍ୟ ମୃତ୍ୟୁବରଣ କରିଥିଲେ ଏବଂ ତାଙ୍କ ଆଇନସିଦ୍ଧ ପ୍ରତିନିଧିମାନଙ୍କୁ ନଥିରେ ଅଣାଯାଇଥିଲା ଏବଂ ଉତ୍ତରଦାତା 14 (i) ମଧ୍ୟ ମୃତ୍ୟୁବରଣ କରିଥିଲେ ।ଉତ୍ତରଦାତା 8 ମଧ୍ୟ ଅପିଲ ବିଚାରାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ ।

ଏହା ଏକ ସୁପ୍ରତିଷ୍ଠିତ ଆଇନ ଯେ ଯେତେବେଳେ ଡିକ୍ରି ଏକକ ଏବଂ ଅବିଭାଜ୍ୟ, ମୃତ ଉତ୍ତରଦାତା ଏବଂ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜୀବିତ ଉତ୍ତରଦାତାଙ୍କ ବିରୋଧରେ ଅସଙ୍ଗତ ଡିକ୍ରି ହୋଇପାରିବ ନାହିଁ । ଏହା ଦେଖିବାକୁ ମିଳିଛି ଯେ ଦ୍ୱିତୀୟ ଅପିଲ ବିଚାରାଧୀନ ଅବସ୍ଥାରେ ଦୁଇ ଜଣ ଉତ୍ତରଦାତା-ଅଂଶୀଦାରଙ୍କ ମୃତ୍ୟୁ ଘଟିଛି । ତେଣୁ, ମୃତ ବ୍ୟକ୍ତିମାନଙ୍କ ବିରୁଦ୍ଧରେ କୌଣସି ଅସଙ୍ଗତ ଡିକ୍ରି ହୋଇପାରିବ ନାହିଁ ଏବଂ ଯେଉଁମାନଙ୍କ ବିରୁଦ୍ଧରେ ମକଦ୍ଦମାକୁ ଖାରଜ କରୁଥିବା ଡିକ୍ରି ଚୂଡ଼ାନ୍ତ ହୋଇଯାଇଥିଲା ଏବଂ ଅନ୍ୟ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଉତ୍ତରଦାତା ଯାହାଙ୍କ ଅଧିକାର ଦ୍ୱିତୀୟ ଅପିଲରେ ବିଚାର କରାଯିବ ।

ତେଣୁ ଏହା ସ୍ପଷ୍ଟ ହେବ ଯେ ଉଚ୍ଚ ନ୍ୟାୟାଳୟ ଆଇନର କୌଣସି ତ୍ରୁଟି କରିନାହାଁନ୍ତି । ଯେହେତୁ ମୃତ ଉତ୍ତରଦାତାଙ୍କ ବିରୋଧରେ ଅପିଲ ପୂର୍ବରୁ ସମାପ୍ତ ହୋଇସାରିଛି, ଅଦାଲତ ଯୋଗ୍ୟତା ଆଧାରରେ ଆଗକୁ ଯାଇପାରିବେ ନାହିଁ । ସମାନ ଭାବରେ, ଏହି ଅପିଲରେ ମଧ୍ୟ ସମାନ ପରିସ୍ଥିତି ନିଶ୍ଚିତ ହୋଇଛି । ଯେହେତୁ ଉତ୍ତରଦାତା 8 ଏବଂ 14 (i) ପୂର୍ବରୁ ମୃତ୍ୟୁବରଣ କରିସାରିଛନ୍ତି ଏବଂ ସେମାନଙ୍କର ଅଧିକାର ଚୂଡ଼ାନ୍ତ ହୋଇଯାଇଛି; ଯେହେତୁ ସେମାନଙ୍କର ଆଇନଗତ ପ୍ରତିନିଧିମାନଙ୍କୁ ନଥିରେ ଅଣାଯାଇନାହିଁ ଏବଂ ସେମାନଙ୍କ ବିରୋଧରେ ଅପିଲ ସମାପ୍ତ ହୋଇଛି, ତେଣୁ ଏହି ଆବେଦନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଉତ୍ତରଦାତାମାନଙ୍କ ବିରୋଧରେ ଆମେ ଯଦି ମାମଲାର ଗୁଣବତ୍ତା ଭିତରକୁ ଯିବା ତେବେ ଏହା ଅସଙ୍ଗତ ହେବ । ଏହି ପରିସ୍ଥିତିରେ, ସମସ୍ତ ଉତ୍ତରଦାତାଙ୍କ ବିରୋଧରେ ଏହି ଅପିଲ ମଧ୍ୟ ସମାପ୍ତ ହୋଇଛି ।

ତଦନୁସାରେ ଅପିଲକୁ ଖାରଜ କରାଯାଏ । କୌଣସି ଖର୍ଚ୍ଚ ବିନା ।

ଟି. ଏନ. ଏ.

ଅପିଲ ଖାରଜ ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

 କ୍ରିଷ୍ଣା ଦାଶ

ଅନୁବାଦିକା

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।